ନଂ ଛୁ.ଛୁ.-157/85 — 24704/ଅର୍ଥ (୪୪)

ଓଡ଼ିଶା ସରକାର

ଅର୍ଥ ବିଭାଗ

କାର୍ଯ୍ୟାଳୟ ଜ୍ଞାପକ

ଭୁବନେଶ୍ୱର, ତା ୨୧ ରିଖ ଜୁନ ୧୯୮୫ ।

ବିଷୟ: ଚାକିରୀରେ ଥିବା ସରକାରୀ କର୍ମଚାରୀଙ୍କ ମୃତ୍ୟୁବେଳେ ଅର୍ଜିତ ଛୁଟିକୁ ସଂରାଶୀକୃତ ଛୁଟିରେ ପରିଣତି ।

ଓଡ଼ିଶା ଛୁଟି ନିୟମାବଳୀ, ୧୯୬୬ ର ଧାରା ୨(ଡ) ଅନୁସାରେ କୌଣସି ସରକାରୀ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଚିକିତ୍ସା ପାଇଁ ସଂରାଶୀକୃତ ଛୁଟି ମଞ୍ଜୁର କରାଯାଇ ପାରିବ । ମାତ୍ର, ଏ ପ୍ରକାର ଛୁଟି ମଞ୍ଜୁର କରିବା ପୂର୍ବରୁ କର୍ତ୍ତୃପକ୍ଷଙ୍କର ହୃଦ୍‌ବୋଧ ହେବା ଉଚିତ ଯେ, ଉକ୍ତ ଛୁଟି ଶେଷ ହେବା ପରେ, ସଂପୃକ୍ତ ସରକାରୀ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ । କେତେକ କ୍ଷେତ୍ରରେ ସରକାରୀ କର୍ମଚାରୀ ଛୁଟି ଶେଷରେ କାର୍ଯ୍ୟରେ ଯୋଗଦେବା ସମ୍ଭବ ହୋଇ ନପାରେ । କାରଣ, ଛୁଟି ମଧ୍ୟରେ ଚିକିତ୍ସାଧୀନ ଥିବା ଅବସ୍ଥାରେ କୌଣସି କର୍ମଚାରୀଙ୍କର ଅକାଳ ମୃତ୍ୟୁ ହୋଇଯାଇ ପାରେ । ଏ କ୍ଷେତ୍ରରେ ସରକାରୀ କର୍ମଚାରୀ ଅର୍ଜିତ ଛୁଟିରେ ଥାଇ ଯଦି ଚିକିତ୍ସାଧୀନ ସମୟରେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କର ବିଧବା ପତ୍ନୀ କିମ୍ବା ପରିବାରର ଅନ୍ୟାନ୍ୟ ସଦସ୍ୟ ତାଙ୍କର ଉପଯୋଗ ହୋଇ ନଥିବା ଅର୍ଜିତ ଛୁଟିର ଅର୍ଥାୟନ ବାବଦ ପ୍ରାପ୍ୟର ପୂର୍ଣ୍ଣ ସୁବିଧା ନପାଇବାର ସମ୍ଭାବନା ବେଶି ।

୨. ଉପଯୋଗ ହୋଇ ନଥିବା ଅର୍ଜିତ ଛୁଟିର ଅର୍ଥାୟନ ମୃତ ସରକାରୀ କର୍ମଚାରୀଙ୍କ ପରିବାର ବର୍ଗଙ୍କ ପକ୍ଷେ ଏକ ଆର୍ଥିକ ସାହାଯ୍ୟ ହୋଇ ଥିବାରୁ, ରାଜ୍ୟପାଳ ଉପରୋକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି କରୁଅଛନ୍ତି ଯେ, ଯଦି କୌଣସି ସରକାରୀ କର୍ମଚାରୀଙ୍କର ଅର୍ଜିତ ଛୁଟିରେ ଥାଇ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ଘଟେ, ତେବେ ଉକ୍ତ ଅର୍ଜିତ ଛୁଟିକୁ ସଂରାଶୀକୃତ ଛୁଟିରେ ପରିଣତ କରାଯିବା ପାଇଁ ଅନୁମତି ଦିଆଯାଇ ପାରିବ ।

୩. ଏହି ନିଷ୍ପତ୍ତିଟି, କାର୍ଯ୍ୟାଳୟ ଜ୍ଞାପକ ନିର୍ଗମିତ ହେବା ତାରିଖଠାରୁ କାର୍ଯ୍ୟକାରୀ ହେବ । ଫଏସଲା ନ ହୋଇ ବିଚାରାଧୀନ ଥିବା ଏ ସମ୍ପର୍କୀୟ ସମସ୍ତ ମାମଲା ଗୁଡିକ ଏହି ନିଷ୍ପତ୍ତି ଅନୁଯାୟୀ ଫଏସଲା କରାଯାଇ ପାରିବ । ଯେଉଁ ମାମଲା ଗୁଡିକ ଏଥି ପୂର୍ବରୁ ଫଏସଲା ହୋଇ ସାରିଛି, ସେ ଗୁଡିକର ପୁନଃ ସମୀକ୍ଷା ହୋଇ ପାରିବ ନାହିଁ ।

୪. ଓଡ଼ିଶା ଛୁଟି ନିୟମାବଳୀ, ୧୯୬୬ ର ଆବଶ୍ୟକ ସଂଶୋଧନ ପୃଥକ ଭାବେ କରାଯିବ ।

ସ୍ୱାଃ ରାଜକିଶୋର ଭୁକ୍ତବଳ
ଶାସନ ସଚିବ

ଅ.ପୃ.ଦେ.

ଆଜ୍ଞା

ସଚିବାଳୟ (OSD)

ଜ୍ଞାପକ ସଂ 2/ଟ୍ରେଜେରୀ/85 /ଅର୍ଥ ତା 24/6/85

ମାନ୍ୟବର ମନ୍ତ୍ରୀମାନଙ୍କ ସଚିବ / ମୁଖ୍ୟମନ୍ତ୍ରୀଙ୍କ ସଚିବ / ଅର୍ଥ ମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ / ସମସ୍ତ ବିଭାଗୀୟ ମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ / ସଚିବାଳୟର ସମସ୍ତ ଅର୍ଥ ପରାମର୍ଶଦାତା / ସମସ୍ତ ଟ୍ରେଜେରୀ ଅଫିସର ଓ ସବ-ଟ୍ରେଜେରୀ ଅଫିସର / ସମସ୍ତ ଜିଲ୍ଲାପାଳ / ଅଧ୍ୟକ୍ଷ, ମଧୁସୂଦନ ହିସାବ ଓ ଅର୍ଥ ପ୍ରତିଷ୍ଠାନ, ଭୁବନେଶ୍ୱର / ଅଧ୍ୟକ୍ଷ ସଚିବାଳୟର ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପଠାଗଲା ।

ଯୁଗ୍ମ ଶାସନ ସଚିବ

ଅର୍ଥ ତା 24/6/85

ଏହାର ନକଲ ଅର୍ଥ ବିଭାଗର ସମସ୍ତ ଅଧିକାରୀ, ସମସ୍ତ ଶାଖା

ଶାଖାକୁ 5 କିତାକୁ ଅବଗତି ନିମନ୍ତେ ପଠାଗଲା ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂ 24706/ଅର୍ଥ ତା 24/6/85

ବି:ମହାପାତ୍ର

ଏହାର ନକଲ ଅର୍ଥ ବିଭାଗର ସମସ୍ତ ଅଧିକାରୀ, ସମସ୍ତ ଶାଖା

ଶାଖାକୁ 5 କିତାକୁ ଅବଗତି ନିମନ୍ତେ ପଠାଗଲା ।

ସହାୟକ ଶାସନ ସଚିବ

ସହାୟକ ଶାସନ ସଚିବ 24/

ବି:ମହାପାତ୍ର